## ରୂପ୍‌ସା-ବାରିପଦା ଓସାରିଆ ରେଳଲାଇନରେ ଇଞ୍ଜିନର ପରୀକ୍ଷାମୂଳକ ଗତି ଆକଳନ ଆଜି

ବାରିପଦା (ନି.ପ୍ର)-ବହୁ ପ୍ରତୀକ୍ଷିତ ରୂପ୍‌ସା-ବାରିପଦା ପ୍ରଶସ୍ତ ରେଳଲାଇନ ପ୍ରକଳ୍ପର ନବନିର୍ମିତ ରେଳଲାଇନରେ ପରୀକ୍ଷାମୂଳକ ଭାବେ ପ୍ରଥମଥର ପାଇଁ ରେଳଇଞ୍ଜିନର ଗତି ଆକଳନ ଆଗାମୀ କାଲି କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଦକ୍ଷିଣ ପୂର୍ବ ରେଳବାଇ ସୂତ୍ରରୁ ଜଣାପଡିଛି । ଆସନ୍ତାକାଲି ରେଳଇଞ୍ଜିନର ଗତି ପରୀକ୍ଷା ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ମଧ୍ୟରେ ଘଣ୍ଟାକୁ ୮୦ କିମି ବେଗରେ ଗତି ଆକଳନ କରାଯିବ । ସେହିପରି ଆସନ୍ତା ୫ ତାରିଖରେ ବାରିପଦାରୁ ରୂପ୍‌ସା ଘଣ୍ଟାକୁ ୧୦୦ କିମି ବେଗରେ ଗତି ପରୀକ୍ଷା କରାଯିବାର ସ୍ଥିର ହୋଇଛି । ଏଣୁ ଉକ୍ତ ଦୁଇଦିନରେ ନିର୍ଦ୍ଧାରିତ ଥିବା ସମୟ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ରେଳଲାଇନ ନିକଟବର୍ତ୍ତୀ ଗ୍ରାମର ଲୋକେ ସତର୍କ ରହିବା ସହିତ ରେଳ ଫାଟକ ନିକଟରେ ବିଶେଷ ସତର୍କତା ଅବଲମ୍ବନ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ରୂପ୍‌ସା-ବାଙ୍ଗିରିପୋଷି ଦୀର୍ଘ ୯୧ କିମି ଲମ୍ବ ରେଳପଥ ପ୍ରଶସ୍ତିକରଣ ପ୍ରକଳ୍ପ ମଧ୍ୟରୁ ଏବେ ରୂପ୍‌ସା-ବାରିପଦା ୫୨ କିମି ଲମ୍ବ ରେଳପଥର ପ୍ରଶସ୍ତିକରଣ ହୋଇ ପରୀକ୍ଷାମୂଳକ ଭାବେ ରେଳ ଇଞ୍ଜିନର ଗତି ଆକଳନ କରାଯାଉଛି । ମାତ୍ର ଏହି ରେଳପଥରେ ଥିବା ଷ୍ଟେସନଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ନିର୍ଦ୍ଦିଷ୍ଟ ଭାବେ କେବେଠାରୁ ରେଳ ଚଳାଚଳ କରିବ ତାହା ଅନିଶ୍ଚିତ ଥିବାରୁ ଜିଲାବାସୀ ଅସନ୍ତୋଷ ମଧ୍ୟରେ ରହିଛନ୍ତି ।





Ph





The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)